# NATIONAL NEWS BULLETIN (ODIA)

## 31 January - 2026

## Morning Bulletin : 7.15 a.m.

**********************************

## ମୁଖ୍ୟ ସମ୍ବାଦ

- ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଆସନ୍ତାକାଲି ଲୋକସଭାରେ ଉପସ୍ଥାପନ କରିବେ ୨୦୨୬-୨୭ କେନ୍ଦ୍ରୀୟ ବଜେଟ୍

– ବଜେଟ୍ ଉପସ୍ଥାପନ ପରେ ୩୦ ଜଣ କଲେଜ ଛାତ୍ରଙ୍କ ସହ ସ୍ୱତନ୍ତ୍ର ଆଲୋଚନା କରିବେ ଅର୍ଥମନ୍ତ୍ରୀ

- ବାଣିଜ୍ୟ, ନିବେଶ ଓ ଅନ୍ୟାନ୍ୟ କ୍ଷେତ୍ରରେ ଦ୍ୱିପାକ୍ଷିକ ସହଭାଗିତା ଦୃଢ଼ କରିବା ଲାଗି ଭେନେଜୁଏଲା ଓ ଭାରତ ସହମତ
- ନୂଆଦିଲ୍ଲୀରେ ଆଜି ଅନୁଷ୍ଠିତ ହେବ ଦ୍ୱିତୀୟ ଭାରତ-ଆରବ ଲିଗ୍ ବୈଦେଶିକ ମନ୍ତ୍ରିସ୍ତରୀୟ ବୈଠକ
- ସଦସ୍ୟ ରାଷ୍ଟ୍ରଗୁଡ଼ିକ ଦେୟ ପୈଠ ନ କରିବାରୁ ଆର୍ଥିକ ପରିସ୍ଥିତି ନେଇ ଉଦ୍‌ବେଗ ପ୍ରକାଶ କଲେ ଜାତିସଂଘର ମହାସଚିବ

ଏବଂ

- ୫ ମ୍ୟାଚ୍ ବିଶିଷ୍ଟ ପୁରୁଷ ଟି-୨୦ କ୍ରିକେଟ୍ ସିରିଜ୍‌ର ଆଜି ପଞ୍ଚମ ତଥା ଅନ୍ତିମ ମ୍ୟାଚ୍ ଖେଳିବେ ଭାରତ ଓ ନ୍ୟୁଜିଲ୍ୟାଣ୍ଡ

# ନିର୍ମଳା-ବଜେଟ୍

ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଆସନ୍ତାକାଲି ଲୋକସଭାରେ କେନ୍ଦ୍ରୀୟ ବଜେଟ୍ ୨୦୨୬-୨୭ ଉପସ୍ଥାପନ କରିବେ। ଲୋକସଭାରେ ବଜେଟ୍ ଉପସ୍ଥାପନ ପରେ, ବଜେଟ୍‌ର କପି ରାଜ୍ୟସଭାରେ ଉପସ୍ଥାପିତ ହେବ। ୨୦୧୯ରେ ଦାୟିତ୍ୱ ଗ୍ରହଣ କରିବା ପରଠାରୁ ଶ୍ରୀମତୀ ସୀତାରମଣଙ୍କ ଦ୍ୱାରା ଏହା ଲଗାତାର ନବମ ବଜେଟ୍ ଉପସ୍ଥାପନ ହେବ। ଏହା ନରେନ୍ଦ୍ର ମୋଦୀ ସରକାରଙ୍କ ତୃତୀୟ କାର୍ଯ୍ୟକାଳରେ ତୃତୀୟ ବଜେଟ୍। ସଂସଦରେ ବଜେଟ୍ ଭାଷଣ ସମାପ୍ତ ହେବା ପରେ ବଜେଟ୍ ଦସ୍ତାବିଜ୍‌ଗୁଡ଼ିକ  ମୋବାଇଲ୍ ଆପ୍ ଏବଂ ୱେବସାଇଟରେ ଉପଲବ୍ଧ ହେବ।

ବଜେଟ୍ ପ୍ରସ୍ତୁତି ପୂର୍ବରୁ ଅର୍ଥମନ୍ତ୍ରୀ ସୀତାରମଣ ଅର୍ଥନୀତିଜ୍ଞ, ଟ୍ରେଡ୍ ୟୁନିଅନ୍, ଶିକ୍ଷା ଏବଂ ସ୍ୱାସ୍ଥ୍ୟ କ୍ଷେତ୍ର, ଏମଏସଏମଇ, ବାଣିଜ୍ୟ ଏବଂ ସେବା, ଶିଳ୍ପ, ଅର୍ଥନୀତିଜ୍ଞ, ଆର୍ଥିକ କ୍ଷେତ୍ର ଓ ପୁଞ୍ଜି ବଜାରର ବିଶେଷଜ୍ଞ ଏବଂ ପ୍ରତିନିଧିମାନଙ୍କ ସମେତ ଅନେକ ଅଂଶୀଦାରଙ୍କ ସହିତ ପ୍ରାକ୍ ବଜେଟ୍  ପରାମର୍ଶ ବୈଠକ କରିଥିଲେ।

କୃଷି ମନ୍ତ୍ରୀ ଶିବରାଜ ସିଂହ ଚୌହାନ କୃଷି ଏବଂ ଗ୍ରାମୀଣ ବିକାଶ ସହିତ ଜଡିତ ବିଭିନ୍ନ ଦିଗ ଉପରେ ବ୍ୟାପକ ପ୍ରାକ-ବଜେଟ୍ ପରାମର୍ଶ ମଧ୍ୟ କରିଥିଲେ ଓ ଅର୍ଥମନ୍ତ୍ରୀଙ୍କୁ ପରାମର୍ଶଗୁଡ଼ିକରୁ ଉପଲବ୍ଧ ତଥ୍ୟ ପ୍ରଦାନ କରିଥିଲେ ।

## ସୀତାରମଣ ବଜେଟ୍

ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଆସନ୍ତାକାଲି କେନ୍ଦ୍ର ବଜେଟ୍ ୨୦୨୬-୨୭ ଉପସ୍ଥାପନ ପରେ ଦେଶର ବିଭିନ୍ନ ଅଞ୍ଚଳର ପ୍ରାୟ ତିରିଶ ଜଣ କଲେଜ ଛାତ୍ରଙ୍କ ସହ ବାର୍ତ୍ତାଳାପ  କରିବେ । ଏହି ପଦକ୍ଷେପର ଅଂଶ ସ୍ୱରୂପ, କଲେଜ ଛାତ୍ରମାନେ ଲୋକସଭା ଗ୍ୟାଲେରୀରୁ କେନ୍ଦ୍ରୀୟ ବଜେଟ୍ର ସିଧାସଳଖ ଉପସ୍ଥାପନା ମଧ୍ୟ ଦେଖିପାରିବେ । ଅର୍ଥ ମନ୍ତ୍ରଣାଳୟ ଏକ ବିବୃତ୍ତିରେ କହିଛି ଯେ ଏହା ଛାତ୍ରଛାତ୍ରୀମାନଙ୍କୁ ବର୍ଷର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସଂସଦୀୟ କାର୍ଯ୍ୟଗୁଡ଼ିକ ମଧ୍ୟରୁ ଗୋଟିଏ ଦେଖିବାର ସୁଯୋଗ ପ୍ରଦାନ କରିବ ।

ଛାତ୍ରଛାତ୍ରୀମାନେ ଭାରତର ବିଭିନ୍ନ ରାଜ୍ୟରୁ ବାଣିଜ୍ୟ, ଅର୍ଥନୀତି, ଚିକିତ୍ସା ଶିକ୍ଷା ଏବଂ ବୃତ୍ତିଗତ ପାଠ୍ୟକ୍ରମ ସମେତ ବିଭିନ୍ନ ପାଠ୍ୟକ୍ରମରୁ ଯୋଗଦେବେ । ଛାତ୍ରଛାତ୍ରୀମାନେ ୧ନମ୍ବର କର୍ତ୍ତବ୍ୟ ଭବନରେ ଅବସ୍ଥିତ ଅର୍ଥ ମନ୍ତ୍ରଣାଳୟ ପରିଦର୍ଶନ କରିବେ ଏବଂ ମନ୍ତ୍ରଣାଳୟର କାର୍ଯ୍ୟକାରିତା,

ନୀତି ପ୍ରଣୟନ ପ୍ରକ୍ରିୟା ଏବଂ ରାଷ୍ଟ୍ର ନିର୍ମାଣରେ ପ୍ରତିଷ୍ଠାନଗୁଡ଼ିକର ଭୂମିକା ବିଷୟରେ ଜାଣିବା ପାଇଁ ବିଭିନ୍ନ ବରିଷ୍ଠ ଅଧିକାରୀଙ୍କ ସହ ଆଲୋଚନା କରିବେ।

ପରେ ସନ୍ଧ୍ୟାରେ, ଶ୍ରୀମତୀ ସୀତାରମଣ ଛାତ୍ରଛାତ୍ରୀଙ୍କ ସହିତ ଆଲୋଚନା କରିବେ ଏବଂ ବଜେଟର ପ୍ରମୁଖ ପ୍ରାଥମିକତା, ଭାରତର ଭବିଷ୍ୟତ ପାଇଁ ଏହାର ଦୃଷ୍ଟିକୋଣ ଏବଂ ଯୁବପିଢ଼ି ପାଇଁ ଏହାର ପ୍ରଭାବ ଉପରେ ଏକ ମୁକ୍ତ ଆଲୋଚନାରେ ସାମିଲ ହେବେ। ଛାତ୍ରଛାତ୍ରୀମାନେ ମଧ୍ୟ ସେମାନଙ୍କର ଚିନ୍ତାଧାରା, ଦୃଷ୍ଟିକୋଣ ନେଇ ମତାମତ ପ୍ରଦାନ କରିବେ ।

# ପିଏମ୍-ଭେନେଜୁଆଲା

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଭେନେଜୁଏଲାର କାର୍ଯ୍ୟକାରୀ ରାଷ୍ଟ୍ରପତି ଡେଲସି ରୋଡ୍ରିଗ୍‌ଜ ବାଣିଜ୍ୟ ଏବଂ ନିବେଶ, ଶକ୍ତି, ଡିଜିଟାଲ ପ୍ରଯୁକ୍ତିବିଦ୍ୟା, ସ୍ୱାସ୍ଥ୍ୟ, କୃଷି ଏବଂ ଲୋକସମ୍ପର୍କ ସମେତ ସମସ୍ତ କ୍ଷେତ୍ରରେ ଦ୍ୱିପାକ୍ଷିକ ସହଭାଗୀତାକୁ ଆହୁରି ଦୃଢ଼ କରିବାକୁ ସହମତ ହୋଇଛନ୍ତି। ଏକ ବିବୃତ୍ତିରେ, ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ କହିଛି, ଶ୍ରୀ ମୋଦି ଗତକାଲି ଭେନେଜୁଏଲାର କାର୍ଯ୍ୟକାରୀ ରାଷ୍ଟ୍ରପତିଙ୍କଠାରୁ ଏକ ଟେଲିଫୋନ୍ କଲ୍ ପାଇଥିଲେ। ଦୁଇ ନେତା ପାରସ୍ପରିକ ସ୍ୱାର୍ଥର ବିଭିନ୍ନ ଆଞ୍ଚଳିକ ଏବଂ ବିଶ୍ୱ ପ୍ରସଙ୍ଗ ଉପରେ ମତ ବିନିମୟ କରିଥିଲେ । ଉଭୟ

ନେତା  ସେମାନଙ୍କର ଘନିଷ୍ଠ ସହଯୋଗର ଗୁରୁତ୍ୱ ଉପରେ ଧ୍ୟାନ କେନ୍ଦ୍ରିତ କରିଥିଲେ ।

## ଇଏମ୍‌-ଆରବ କାଉଣ୍ଟରପାର୍ଟସ୍‌

ନୂଆଦିଲ୍ଲୀରେ ଗତକାଲି ବୈଦେଶିକ ମନ୍ତ୍ରୀ ଡକ୍ଟର ଏସ୍‌.ଜୟଶଙ୍କର ଆରବ ଲିଗ୍‌ ସଦସ୍ୟ ରାଷ୍ଟ୍ରର ତାଙ୍କ ପ୍ରତିପକ୍ଷଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା କରିଛନ୍ତି । ବୈଠକରେ  ଦ୍ୱିପାକ୍ଷିକ ସମ୍ପର୍କ ବୃଦ୍ଧି ଏବଂ ପଶ୍ଚିମ ଏସିଆ ପରିସ୍ଥିତି ଉପରେ ଆଲୋଚନା କରାଯାଇଥିଲା । ଆଜି ନୂଆଦିଲ୍ଲୀରେ  ଅନୁଷ୍ଠିତ ହେବାକୁ ଥିବା ଦ୍ୱିତୀୟ ଭାରତ-ଆରବ ଲିଗ ବୈଦେଶିକ ମନ୍ତ୍ରୀସ୍ତରୀୟ ବୈଠକ ପୂର୍ବରୁ ଏହି ଆଲୋଚନା ହୋଇଥିଲା ।

ଡକ୍ଟର ଜୟଶଙ୍କର କୋମୋରୋସ, ଲିବିଆ, ସୋମାଲିଆ ଏବଂ ପାଲେଷ୍ଟାଇନର ବୈଦେଶିକ ମନ୍ତ୍ରୀମାନଙ୍କ ସହ ଆଲୋଚନା କରିଥିଲେ । ସେ ଆରବ ଲିଗର ମହାସଚିବଙ୍କୁ ମଧ୍ୟ ଭେଟିଥିଲେ । ଶ୍ରୀ ଜୟଶଙ୍କର ସାମାଜିକ ଗଣମାଧ୍ୟମ ପୋଷ୍ଟରେ କହିଛନ୍ତି, ବିଭିନ୍ନ କ୍ଷେତ୍ରରେ ସହଯୋଗ ଏବଂ ସୁଦୃଢ଼ୀକରଣ ବିଷୟରେ ବ୍ୟାପକ ଆଲୋଚନା ହୋଇଛି । ଉଭୟ ନେତା ଆଞ୍ଚଳିକ ଓ ସାଂପ୍ରତିକ ସମସ୍ୟା ଗୁଡ଼ିକ ଉପକରେ ମତ ବିନିମୟ କରିଛନ୍ତି ।

ଡକ୍ଟର ଜୟଶଙ୍କର ସୋମାଲିଆର ବୈଦେଶିକ ମନ୍ତ୍ରୀ ଅବ୍ଦିସାଲାମ ଅଲିଙ୍କ ସହ ତାଙ୍କର ସାକ୍ଷାତକୁ ସଫଳ ବୋଲି ବର୍ଣ୍ଣନା କରି କହିଛନ୍ତି ଉଭୟ ନେତା

ଦ୍ୱିପାକ୍ଷିକ ବାଣିଜ୍ୟ, ଦକ୍ଷତା ନିର୍ମାଣ, ଶିକ୍ଷା, ସ୍ୱାସ୍ଥ୍ୟ, କନସୁଲାର ଏବଂ ବହୁପାକ୍ଷିକ ସହଯୋଗ ଆଗକୁ ବଢାଇବା ଉପରେ ମତ ବିନିମୟ ହୋଇଛି ।

## ୟୁଏନ୍-ଫାଇନାନ୍ସିଆଲ କୋଲାପ୍ସ

ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରେସ୍ କହିଛନ୍ତି  ସଦସ୍ୟ ରାଷ୍ଟ୍ରମାନେ ସେମାନଙ୍କ ଦେୟ ନଦେବା ଯୋଗୁଁ ଜାତିସଂଘ  ଆର୍ଥିକ ଅସ୍ଥିରତା ଦେଇ ଗତି କରୁଛି । ଜାତିସଂଘ ପକ୍ଷରୁ ସମସ୍ତ ସଦସ୍ୟ ରାଷ୍ଟ୍ରକୁ ପଠାଯାଇଥିବା ଏକ ପତ୍ରରେ ଶ୍ରୀ ଗୁଟେରେସ୍ କହିଛନ୍ତି ଯେ, ଜୁଲାଇ ମାସର ଆରମ୍ଭରେ ଜାତିସଂଘର ନିୟମିତ କାର୍ଯ୍ୟ ପାଇଁ  ଆର୍ଥିକ ସଂକଟ ଦେଖାଦେବା ଭଳି ପରିସ୍ଥିତି ଉପୁଜିଛି । ଯାହାଫଳରେ ଏହାର କାର୍ଯ୍ୟ ଗୁରୁତର ଭାବେ ବାଧାପ୍ରାପ୍ତ ହୋଇପାରେ । ଜାତିସଂଘର ସବୁଠାରୁ ବଡ଼ ଅର୍ଥପ୍ରଦାନକାରୀ ଆମେରିକା ପୂର୍ବ ବର୍ଷର ବାଧ୍ୟତାମୂଳକ ଦେୟ ପୈଠ  ନ କରିବା ଯୋଗୁଁ ଆର୍ଥିକ ସଙ୍କଟ ଦେଖାଦେଇଛି। ଜାତିସଂଘର ଜଣେ ଅଧିକାରୀଙ୍କ ଅନୁଯାୟୀ, ଆମେରିକା ବର୍ତ୍ତମାନ  ଜାତିସଂଘର ନିୟମିତ ବଜେଟରେ ୨.୧୯ ବିଲିୟନ ଡଲାର ବକେୟା ରଖିଛି ଏବଂ ଚଳିତ ବର୍ଷ ପାଇଁ ଅତିରିକ୍ତ ୭୬୭ ନିୟୁତ ଡଲାର ବକେୟା ଅଛି। ଜାତିସଂଘ ମୁଖ୍ୟ କହିଛନ୍ତି  ସଠିକ୍ ସମୟରେ ଦେୟ ନ ମିଳେ, ତେବେ  ଜାତିସଂଘ ୨୦୨୬ ପାଇଁ ନିୟମିତ ବଜେଟକୁ ପୂରଣ କରିପାରିବ ନାହିଁ ।

# ପିଏମ୍ ପ୍ରଗତି ସ୍ପେଶାଲ ଷ୍ଟୋରି

ପ୍ରଧାନମନ୍ତ୍ରୀଙ୍କ ସକ୍ରିୟ ଶାସନ ଏବଂ ସମୟୋଚିତ କାର୍ଯ୍ୟାନ୍ୱୟନ ପ୍ରମୁଖ ମଞ୍ଚ ପ୍ରଗତି ଏହାର ୫୦ତମ ବୈଠକର ସଫଳ ପରିଚାଳନା କରିଛି । ୨୦୧୫ ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ଏହାର ଶୁଭାରମ୍ଭ ହେବା ପରଠାରୁ, ପ୍ରଗତି ମଞ୍ଚରେ ପ୍ରଧାନମନ୍ତ୍ରୀସ୍ତରୀୟ ସମୀକ୍ଷା ମାଧ୍ୟମରେ ପ୍ରମୁଖ ଭିତ୍ତିଭୂମି ପ୍ରକଳ୍ପରେ ଦେଖାଦେଉଥିବା ସମସ୍ୟା ଗୁଡ଼ିକର ବାସ୍ତବ-ସମୟ ତଦାରଖ ଏବଂ ସମାଧାନ କରି ସଫଳତା ହାସଲ କରିଛି। ଏହି ବିଶେଷ ଶୃଙ୍ଖଳାରେ ଆଜି ଆସନ୍ତୁ ଜାଣିବା  ରେଳ ମନ୍ତ୍ରଣାଳୟ ସହ ଜଡିତ ପ୍ରକଳ୍ପଗୁଡ଼ିକ  ସଂପର୍କରେ ।

ଭାରତୀୟ ରେଳ ଦେଶର ଅର୍ଥନୈତିକ ଏବଂ ସାମାଜିକ ଭିତ୍ତିଭୂମିର ସବୁଠାରୁ ଶକ୍ତିଶାଳୀ ସ୍ତମ୍ଭ ମଧ୍ୟରୁ ଗୋଟିଏ, ଯାହା ସାରା ଦେଶରେ ଯାତ୍ରୀ ଗତିଶୀଳତା ଏବଂ ମାଲ ପରିବହନର ମୂଳଦୁଆ। ବିଶ୍ୱର ସର୍ବବୃହତ ରେଳ ବ୍ୟବସ୍ଥା ମଧ୍ୟରୁ ଗୋଟିଏ ଭାବରେ, ଏହା ଜାତୀୟ ଏକୀକରଣ, ପରିବହନ ଦକ୍ଷତା ଏବଂ ଆଞ୍ଚଳିକ ସଂଯୋଗୀକରଣରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ।

ପ୍ରକଳ୍ପ ନିରୀକ୍ଷଣ  ପୋର୍ଟାଲରେ ବର୍ତ୍ତମାନ ୧୨ ଲକ୍ଷ କୋଟି ଟଙ୍କାରୁ ଅଧିକ ନିବେଶ ସହିତ ମୋଟ ୩୮୭ଟି ରେଳ ପ୍ରକଳ୍ପ ନିରୀକ୍ଷଣ କରାଯାଉଛି ।

ସେଥିମଧ୍ୟରୁ ପ୍ରଗତି ବ୍ୟବସ୍ଥା ଅଧୀନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୯୭ଟି ଅଧିକ ବ୍ୟୟବରାଦଯୁକ୍ତ ପ୍ରକଳ୍ପଗୁଡ଼ିକର ସମୀକ୍ଷା କରିଛନ୍ତି। ଏହି ପ୍ରକଳ୍ପଗୁଡ଼ିକ ମଧ୍ୟରେ ହାଇ-ସ୍ପିଡ୍ ରେଳ କରିଡର, ସମର୍ପିତ ମାଲ ପରିବହନ କରିଡର, ଦୁର୍ଗମ ଅଞ୍ଚଳରେ ନୂତନ ରେଳ ଲାଇନ ପ୍ରକଳ୍ପ ଏବଂ ବୃହତ ଷ୍ଟେସନ ପୁନଃବିକାଶ ପଦକ୍ଷେପ ଅନ୍ତର୍ଭୁକ୍ତ। ରେଳବାଇ କିଛି ଜଟିଳ ଏବଂ ମହତ୍ୱାକାଂକ୍ଷୀ ଭିତ୍ତିଭୂମି ପ୍ରକଳ୍ପ କାର୍ଯ୍ୟକାରୀ କରିଛି ଯେପରିକି ଉଧମପୁର-ଶ୍ରୀନଗର-ବାରାମୁଲ୍ଲା ରେଳ ଲିଙ୍କ୍, ଚେନାବ ସେତୁ ଏବଂ ଅଞ୍ଜି ସେତୁ ମାଧ୍ୟମରେ କାଶ୍ମୀର ଉପତ୍ୟକାକୁ ସବୁଦିନିଆ ରେଳ ସଂଯୋଗ ପ୍ରଦାନ କରିବା, ଉତ୍ତର-ପୂର୍ବରେ ବୈରାବି-ସାଇରଙ୍ଗ ଲାଇନ କାର୍ଯ୍ୟକ୍ଷମ କରିବା ଏବଂ ତାମିଲନାଡୁର ପାମ୍ବନରେ ଭାରତର ପ୍ରଥମ ସମୁଦ୍ର ସେତୁର ଉଦଘାଟନ। ପ୍ରଗତି ବ୍ୟବସ୍ଥା ଭୂମି ଅଧିଗ୍ରହଣ ଏବଂ ଜଙ୍ଗଲ ମଞ୍ଜୁରୀ ସହିତ ଜଡିତ ଆନ୍ତଃମନ୍ତ୍ରାଳୟ ଏବଂ କେନ୍ଦ୍ର-ରାଜ୍ୟ ସମସ୍ୟାର ସମାଧାନ କରି ରେଳ ପ୍ରକଳ୍ପଗୁଡ଼ିକୁ ତ୍ୱରାନ୍ୱିତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ଭାରତୀୟ ରେଳବାଇ ଶିଳ୍ପ ଅଭିବୃଦ୍ଧି, କୃଷି ଯୋଗାଣ ଶୃଙ୍ଖଳ, ପର୍ଯ୍ୟଟନ, ପ୍ରତିରକ୍ଷା ପରିବହନ ଏବଂ ଲକ୍ଷ ଲକ୍ଷ ନାଗରିକଙ୍କ ଦୈନନ୍ଦିନ ଗତିଶୀଳତାକୁ ସଫଳ କରିଛି ।

## କ୍ରିକେଟ୍-ଟି-୨୦

୫ ମ୍ୟାଚ୍ ବିଶିଷ୍ଟ ପୁରୁଷ ଟି-୨୦ କ୍ରିକେଟ୍ ସିରିଜ୍‌ର ଆଜି ପଞ୍ଚମ ତଥା ଅନ୍ତିମ ମ୍ୟାଚ ଭାରତ ଓ ନ୍ୟୁଜିଲ୍ୟାଣ୍ଡ ମଧ୍ୟରେ ତିରୁଅନନ୍ତପୁରମ୍‌ରେ

ଅନୁଷ୍ଠିତ ହେବ । ଏହି ମ୍ୟାଚ ଭାରତୀୟ ସମୟ ସନ୍ଧ୍ୟା ୭ଟାରେ ଆରମ୍ଭ ହେବ । ଚତୁର୍ଥ ଟି-୨୦ରେ ଭାରତ' ନ୍ୟୁଜିଲ୍ୟାଣ୍ଡଠାରୁ ୫୦ ରନ୍‌ରେ ପରାସ୍ତ ହୋଇଥିଲା । ଏହି ସିରିଜ୍‌ରେ ଭାରତ ୩-୧ରେ ଅଗ୍ରଣୀ ରହିଛି ।